# NATIONAL NEWS BULLETIN (ODIA)
## 11 November - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ନିର୍ବାଚନରେ ଶେଷ ହେଲା ଅନ୍ତିମ ପର୍ଯ୍ୟାୟ ମତଗ୍ରହଣ ।

– ମତାଧିକାର ସାବ୍ୟସ୍ତ କଲେ ୬୭ ପ୍ରତିଶତରୁ ଅଧିକ ମତଦାତା ।

- ଭୁଟାନ୍ ରାଜାଙ୍କ ସହ ଥିମ୍ପୁ ଠାରେ ପ୍ରତିନିଧି ସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କଲେ ପ୍ରଧାନମନ୍ତ୍ରୀ ।

- ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣାରେ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ସ୍ଥିତି ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଆଦିବାସୀ ପରମ୍ପରାର ସଂରକ୍ଷଣ ଉପରେ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ର ମନ୍ତ୍ରୀଙ୍କ ଗୁରୁତ୍ୱ ପ୍ରଦାନ ।

ଏବଂ

- ନୂଆଦିଲ୍ଲୀରେ ଆଜିଠୁ ଆରମ୍ଭ ହେଲା ଦୃଷ୍ଟିହୀନ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ପ୍ରଥମ ସଂସ୍କରଣ ।

– ଉଦ୍‌ଘାଟନୀ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୦ ୱିକେଟ୍‌ରେ ପରାସ୍ତ କଲା ଭାରତ ।

## ବିହାର ଇଲେକ୍‌ସନ୍

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଆଜି ଶେଷ ହୋଇଛି । ୨୦ଟି ଜିଲ୍ଲାର ୧୨୨ଟି ଆସନରେ ଆଜି ମତଗ୍ରହଣ କରାଯାଇଛି ।  ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ଣ ୫ଟା ସୁଦ୍ଧା ୬୭ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା । କିଶନ୍‌ଗଞ୍ଜ ଜଜିଲ୍ଲାରେ ସର୍ବାଧିକ ୭୬ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ବେଳେ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକ ମଧ୍ୟରେ କଟିହାର ଏବଂ ପୁର୍ଣ୍ଣିଆଠାରେ ୭୦ ପ୍ରତିଶତରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ ।

ଏହି ପର୍ଯ୍ୟାୟରେ ୧ ହଜାର ୩୦୨ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ଇ.ଭି.ଏମ୍.ରେ ସିଲ୍ ହୋଇଯାଇଛି । ଏହି ପ୍ରାର୍ଥୀଙ୍କ ମଧ୍ୟରେ ୧୩୬ ଜଣ ମହିଳା ଅଛନ୍ତି । ସୁରକ୍ଷାଗତ କାରଣରୁ ୭ଟି ବିଧାନସଭା ମଣ୍ଡଳୀରେ ୧ ହଜାର ୨୦୨ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ଅପରାହ୍ଣ ୫ଟା ପର୍ଯ୍ୟନ୍ତ

ମତଦାନ ହୋଇଥିବା ବେଳେ ଅନ୍ୟାନ୍ୟ ବୁଥ୍ ଗୁଡ଼ିକରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତାଧିକାର ସାବ୍ୟସ୍ତ ହୋଇଛି ।

ଓଡ଼ିଶାର ନୂଆପଡ଼ା ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ମଧ୍ଯ ଆଜି ଭୋଟ୍ ଗ୍ରହଣ ଶେଷ ହୋଇଛି । ଅନ୍ୟ ରାଜ୍ୟର ନିର୍ବାଚନ ମଣ୍ଡଳୀ ଗୁଡ଼ିକ ହେଲା – ଜାମ୍ମୁକାଶ୍ମୀରର ବୋଡ଼ଗୋଓଁ ଏବଂ ନାଗ୍ରୋଟା, ରାଜସ୍ଥାନର ଆଣ୍ଟା, ଝାଡ଼ଖଣ୍ଡର ଘଟଶୀଳ, ତେଲଙ୍ଗାନାର ଜୁବୁଲି ହିଲ୍ସ, ପଞ୍ଜାବର ତର୍ନତରନ୍ ଏବଂ ମିଜୋରାମର ଡମ୍ପା ।

ଆମ ନୂଆପଡ଼ା ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ସେଠାରେ ପ୍ରାୟ ୭୫ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

ବିହାର ବିଧାନସଭା ଏବଂ ୮ଟି ଉପନିର୍ବାଚନର ଭୋଟ୍ ଗଣତି ଆସନ୍ତା ଶୁକ୍ରବାର ଦିନ ଅନୁଷ୍ଠିତ ହେବା ସହ ଫଳାଫଳ ପ୍ରକାଶ ପାଇବ ।

## ପିଏମ୍-ଭୁଟାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଥିମ୍ପୁ ଠାରେ ଭୁଟାନ୍ ରାଜା ଜିଗ୍ମେ ଖେସର୍ ନାମ୍‌ଗେଲ୍ ୱାଙ୍ଗ୍‌ଚୁକ୍‌ଙ୍କ ସହ ପ୍ରତିନିଧି ସ୍ତରୀୟ

ଆଲୋଚନା କରିଛନ୍ତି । ଏହି ଅବସରରେ ଦ୍ୱିପାକ୍ଷିକ ଯୋଗାଯୋଗକୁ ସୁଦୃଢ଼ କରିବା ନେଇ ଅନେକ ପ୍ରମୁଖ ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହ ଦ୍ୱିପାକ୍ଷିକ ସହଭାଗିତା ବୃଦ୍ଧି କ୍ଷେତ୍ରରେ ନୂଆଦିଲ୍ଲୀ ପ୍ରତିବଦ୍ଧ ବୋଲି କହିଛନ୍ତି ।

**V/O-1-PM-MODI-ON-CONNECTIVITY**

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୁଇ ଦିନିଆ ଭୁଟାନ୍ ଗସ୍ତରେ ଯାଇ ଆଜି ସକାଳେ ସେଠାରେ ପହଞ୍ଚିଛନ୍ତି । ପାରୋ ଆନ୍ତର୍ଜାତିକ ବିମାନ ବନ୍ଦରରେ ଭୁଟାନ୍‌ର ପ୍ରଧାନମନ୍ତ୍ରୀ ସେରିଂ ତୋବ୍‌ଗେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ଭୁଟାନ୍‌ର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ୱାଙ୍ଗ୍‌ଚୁକ୍‌ଙ୍କ ୭୦ତମ ଜନ୍ମ ବାର୍ଷିକୀ ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେବା ସହ ବିଶ୍ୱ ଶାନ୍ତି ପ୍ରାର୍ଥନା ସମାରୋହରେ ଅଂଶଗ୍ରହଣ କରିଛନ୍ତି । ଭାରତ ଏବଂ ଭୁଟାନ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗ ଏବଂ ସ୍ୱତନ୍ତ୍ର ବନ୍ଧୁତ୍ୱକୁ ଅଧିକ ସଶକ୍ତ କରିବା ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ପୁନତ୍‌ସାଞ୍ଛୁ ଦ୍ୱିତୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ଭୁଟାନ୍ ରାଜା ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି । ଉଭୟ ଭାରତ ଓ ଭୁଟାନ୍ ମିଳିତ ଭାବେ ଏହି ପ୍ରକଳ୍ପକୁ ନିର୍ମାଣ କରିଛନ୍ତି ।

**V/O-2-PM-MODI-ON-HYDO-POWER**

# ଶାହା-ମିଟିଙ୍ଗ

ରାଜଧାନୀ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଗତକାଲି ସନ୍ଧ୍ୟାରେ ଘଟିଥିବା କାର୍ ବିସ୍ଫୋରଣ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ଅଧ୍ୟକ୍ଷତା କରି ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବୈଠକରେ କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ଦିଲ୍ଲୀ ପୁଲିସ କମିଶନର, ଜାତୀୟ ଅନୁସନ୍ଧାନ ଏଜେନ୍ସି-'ଏନ୍ଆଇଏ'ର ମହାନିର୍ଦ୍ଦେଶକ ଏବଂ ଜାମ୍ମୁକାଶ୍ମୀର ପୁଲିସ ମହାନିର୍ଦ୍ଦେଶକ ଯୋଗ ଦେଇଥିଲେ।

କାର୍ ବିସ୍ଫୋରଣ ସମ୍ପର୍କରେ ଗୃହମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ଦିଲ୍ଲୀ ପୁଲିସ୍, ଏନ୍ଆଇଏ, ଏନ୍ଏସ୍ଜି ଏବଂ ଫୋରେନ୍ସିକ୍ ଟିମ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବିସ୍ଫୋରଣର ସଠିକ୍ ବିବରଣୀ ଖୁବ୍ଶୀଘ୍ର ପ୍ରକାଶ ପାଇବ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହାଙ୍କ ସହ ଫୋନ୍ ଯୋଗେ ଆଙ୍ଗୋଲାରୁ କଥା ହୋଇଛନ୍ତି । କାର୍ ବିସ୍ଫୋରଣ ଘଟଣା ସମ୍ପର୍କରେ ରାଷ୍ଟ୍ରପତି ଶ୍ରୀ ଶାହାଙ୍କ ସହ କଥା ହୋଇଥିବା ଜଣାପଡ଼ିଛି ।

# ରାଜନାଥ ସିଂହ-କାର୍ ବ୍ଲାଷ୍ଟ୍

ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣାରେ ଦାୟୀ ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଦିଲ୍ଲୀ ପ୍ରତିରକ୍ଷା ଆଲୋଚନା ବୈଠକକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା ମାଧ୍ୟମରେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି । ତଦନ୍ତ ରିପୋର୍ଟ୍ ଖୁବ୍ ଶୀଘ୍ର ସାର୍ବଜନୀନ କରାଯିବ ।

ପ୍ରତିରକ୍ଷା କ୍ଷେତ୍ର ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଭାରତକୁ ପ୍ରଯୁକ୍ତି ବିଦ୍ୟା ଆଧାରିତ କ୍ଷେତ୍ରର ନେତୃତ୍ୱ ନେବାକୁ ପଡ଼ିବ । ଭବିଷ୍ୟତର ନବସୃଜନ ପାଇଁ ମାର୍ଗ ଉନ୍ମୁକ୍ତ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭାରତରେ ପ୍ରତିଭା, ଚିନ୍ତାଧାରା ଏବଂ ସହଭାଗିତାର ଇକୋ ସିଷ୍ଟମ୍ ରହିଛି ଏବଂ ଏଥିରେ ଯୁବବର୍ଗ ତଥା ଷ୍ଟାର୍ଟଅପ୍ କ୍ଷେତ୍ର ସଂଶ୍ଳିଷ୍ଟ ହୋଇଛନ୍ତି । ନୂତନ ପ୍ରଯୁକ୍ତି ବିଦ୍ୟା ହାସଲ କରିବା ସହିତ ଏହାର ସଫଳ ଉପଯୋଗ ଉପରେ ମନ୍ତ୍ରୀ ଶ୍ରୀ ସିଂହ ଗୁରୁତ୍ୱ ଦେଇଛନ୍ତି । ଆଇଟେକ୍ସ ଏବଂ ପ୍ରଯୁକ୍ତି ବିଦ୍ୟା ବିକାଶ ପାଣ୍ଠି ଭଳି ପଦକ୍ଷେପ ପ୍ରତିରକ୍ଷା କ୍ଷେତ୍ରରେ ନୂତନ ପିଢ଼ିର ନବସୃଜନକାରୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛି । ନିଷ୍ପତ୍ତି ଗ୍ରହଣରେ ଉନ୍ନତି ଆଣିବା ଏବଂ ପ୍ରତ୍ୟେକ ସମ୍ବଳର ସର୍ବୋତ୍ତମ ବ୍ୟବହାରକୁ ସୁନିଶ୍ଚିତ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଟିଏନ୍-ପ୍ରାଟେଷ୍ଟ

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବିରୋଧରେ ଆଜି ତାମିଲନାଡୁରେ ରାଜ୍ୟ ବ୍ୟାପି ଶାସକ ଡି.ଏମ୍.କେ. ଓ ଏହାର ସହଯୋଗୀ ଦଳ ଗୁଡ଼ିକ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଛି । ଆଉ କେତେ ମାସ ପରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହି ଭୋଟର ତାଲିକା ସଂଶୋଧନକୁ ବିରୋଧ କରାଯାଉଛି । ବିରୋଧ ପ୍ରଦର୍ଶନରେ ରାଜ୍ୟର ସାଂସଦ, ବିଧାୟକ ଓ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଛନ୍ତି ।

## ଏସ୍.ଆଇ ନିଯୁକ୍ତି– ସିବିଆଇ ତଦନ୍ତ

ପୁଲିସ୍ ସବ୍-ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ କରିବା ପାଇଁ ଆଜି କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। କ୍ରାଇମବ୍ରାଞ୍ଚ ବର୍ତ୍ତମାନ ମାମଲାର ତଦନ୍ତ କରୁଛି।

## ପାକ୍ ବ୍ଲାଷ୍ଟ

ପାକିସ୍ତାନର ଇସ୍‌ଲାମାବାଦ ସ୍ଥିତ ଏକ ଅଦାଲତ ବାହାରେ ଆତ୍ମଘାତି ବୋମା ବିସ୍ଫୋରଣରେ ୧୨ ଜଣଙ୍କର ମୃତ୍ୟୁ ଘଟିବା ସହିତ ୨୧ ଜଣ ଆହତ ହୋଇଛନ୍ତି । ପୁଲିସ୍ ସୂଚନା ଅନୁଯାୟୀ ଅଦାଲତ ବାହାର ପାର୍କିଂ ସ୍ଥଳରେ ଥିବା ଏକ କାର୍‌ରେ ବୋମା ବିସ୍ଫୋରଣ ହୋଇଥିଲା । ଗତ କିଛି ବର୍ଷ ହେଲା ପାକିସ୍ତାନର କେତେକ ଅଞ୍ଚଳ ବିଶେଷ କରି ବାଲୁଚିସ୍ତାନ ଓ ଖାଇବର ପଖ୍‌ତୁଂଖ୍ୱାରେ ସୁରକ୍ଷା ଜନିତ ସମସ୍ୟା ଦେଖାଦେଇଛି । ପାକିସ୍ତାନର ମାନବାଧିକାର କମିଶନ୍ ସେଠାରେ ଦେଖାଦେଇଥିବା ସୁରକ୍ଷା ଓ ଆଇନ୍‌ଶୃଙ୍ଖଳା ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

## ଟ୍ରାଇବାଲ୍-ଲିଟେରାରି ଫେଷ୍ଟିଭାଲ୍

ଆଦିବାସୀ ପରମ୍ପରାର ଇତିହାସ ସମ୍ପର୍କରେ ଜ୍ଞାନ ଅର୍ଜନ କରିବା ଏବଂ ଏହାର ସଂରକ୍ଷଣ କରିବା ଉପରେ ଦେଶବାସୀଙ୍କୁ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ର ମନ୍ତ୍ରୀ ସାବିତ୍ରୀ ଠାକୁର ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଜାତୀୟ ଜନଜାତି ସାହିତ୍ୟ ମହୋତ୍ସବ ୨୦୨୫କୁ ଆଜି ସମ୍ବୋଧନ କରି ମନ୍ତ୍ରୀ କହିଛନ୍ତି, ଦେଶର ଜନଜାତିଙ୍କର ଏକ ସମୃଦ୍ଧ ଏବଂ ବିବିଧ ଇତିହାସ ରହିଛି । ପରବର୍ତ୍ତୀ ପିଢ଼ି ଆଦିବାସୀଙ୍କ ସଂସ୍କୃତି ଏବଂ ଐତିହ୍ୟ ଉପରେ ଜ୍ଞାନ ଅର୍ଜନ କରିବାର ଆବଶ୍ୟକତା ଉପରେ ମନ୍ତ୍ରୀ ଶ୍ରୀମତୀ ଠାକୁର

ଗୁରୁତ୍ୱାରୋପ କରିଛନ୍ତି । ଆଦିବାସୀ ଭାଷାର ବ୍ୟବହାର ଏବଂ ସ୍ଥିତି ହ୍ରାସ ଉପରେ ଚିନ୍ତା ପ୍ରକଟ କରି ମନ୍ତ୍ରୀ କହିଛନ୍ତି, ଏହାର ଅଧିକ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ । ବର୍ତ୍ତମାନର ପିଢ଼ି ଅଧିକ ପ୍ରକୃତି ଅଭିମୁଖୀ, ସୁସ୍ଥ ଏବଂ ସନ୍ତୁଳିତ ଜୀବନଯାପନ କରିବା ଲକ୍ଷ୍ୟରେ ଗ୍ରାମାଭିମୁଖୀ ହେଉଛନ୍ତି ।

ଆଦିବାସୀ ସଂସ୍କୃତିର ବିବିଧତା ଏବଂ ସମୃଦ୍ଧିକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଏକ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ ପାଇଁ ଏହି ଦୁଇ ଦିନିଆ ସମ୍ମିଳନୀ ଆୟୋଜିତ ହେଉଛି । ସମ୍ମିଳନୀ ଅବସରରେ ଚଳଚ୍ଚିତ୍ର ପ୍ରଦର୍ଶନ, ଆଲୋଚନା ବୈଠକ ଆଦି ଅନୁଷ୍ଠିତ ହେଉଛି । ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନର ଅଂଶସ୍ୱରୂପ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଜାତୀୟ ଜନଜାତି ଗବେଷଣା ପ୍ରତିଷ୍ଠାନ ମିଳିତ ଭାବେ ଏହି ସମ୍ମିଳନୀର ଆୟୋଜନ କରିଛନ୍ତି ।

## ଡିଫେନ୍ସ ସେକ୍ରେଟେରୀ

ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଏବଂ ଭିଏତ୍‌ନାମ୍‌ର ସେନା ବାହିନୀ ଉପମୁଖ୍ୟ ଲେପ୍ଟନାଣ୍ଟ ଜେନେରାଲ୍ ଫୁଙ୍ଗ୍ ସି ଟାନ୍ ଭାରତ-ଭିଏତନାମ ଷଷ୍ଠ ମିଳିତ ସମରାଭ୍ୟାସ ଭିନ୍‌ବାକ୍ସର ଉଦ୍‌ଘାଟନୀ ସମାରୋହରେ ଅଧ୍ୟକ୍ଷତା କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ

କୁହାଯାଇଛି ଯେ ଭାରତ ଓ ଭିଏତ୍ନାମ୍ ମଧ୍ୟରେ ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟକ୍ରମକୁ ଠିକ୍ ଭାବେ ସଂପାଦନ କରିବା ସହିତ ଉଭୟ ଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧି କରିବା ପାଇଁ ଏହି ମିଳିତ ସମରାଭ୍ୟାସ କରାଯାଉଛି ।

# କ୍ରିକେଟ୍

ଦୃଷ୍ଟିହୀନ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ପ୍ରଥମ ସଂସ୍କରଣ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି । ଆଜିର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ-ଶ୍ରୀଲଙ୍କା ବିରୁଦ୍ଧରେ ୧୦ ୱିକେଟ୍‌ରେ ବିଜୟୀ ହୋଇଛି । ଏହି ସଂସ୍କରଣରେ ୬ଟି ଦଳ ଭାରତ, ଶ୍ରୀଲଙ୍କା, ଆମେରିକା, ନେପାଳ, ଅଷ୍ଟ୍ରେଲିଆ ଓ ପାକିସ୍ତାନ ଅଂଶଗ୍ରହଣ କରିଛନ୍ତି । ଭାରତ-ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରୁଥିବା ଏହି ପ୍ରତିଯୋଗିତା ଚଳିତ ମାସ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ କଲମ୍ବୋରେ ଅନୁଷ୍ଠିତ ହେବ ।